**Jagatsinghpur District, Odisha honoured for achieving seamless e-Office Implementation**

# ନିରବଚ୍ଛିନ୍ନ ଇ-ଅଫିସ ସେବା ଲାଗି ଜଗତସିଂହପୁର ପୁରସ୍କୃତ

■ ଜଗତସିଂହପୁର, ତା ୧୬।୯(ପିଏନ୍ଏସ୍)

ରାଜ୍ୟସ୍ତରୀୟ ଇ-ଅଫିସ କର୍ମଶାଳାରେ ଜଗତସିଂହପୁର ଜିଲ୍ଲା ଇ-ଅଫିସ ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ନେଇ ସମ୍ମାନିତ କରାଯାଇଛି। ଏହି ପରିବର୍ତ୍ତନକାରୀ ପଦକ୍ଷେପ ଦ୍ୱାରା ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରୁ ଗ୍ରାମପଞ୍ଚାୟତସ୍ତର ପର୍ଯ୍ୟନ୍ତ ନାଗରିକ କେନ୍ଦ୍ରୀୟ ସେବା ସମ୍ପ୍ରସାରିତ ହୋଇଛି। ଯାହା ସାଧାରଣ ଲୋକଙ୍କୁ ଅନେକ ପ୍ରକାରର ଅତ୍ୟାବଶ୍ୟକ ସେବା ପାଇଁ ସ୍ୱଚ୍ଛ ଏବଂ ସମୟବଦ୍ଧ ପ୍ରବେଶ ପ୍ରଦାନ କରିଛି। ଜଗତସିଂହପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ



କାର୍ଯ୍ୟାଳୟରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଇ-ଅଫିସର ସଫଳ କାର୍ଯ୍ୟକାରିତା ଏକ ଡିଜିଟାଲ୍ ଏବଂ ନାଗରିକ କୈନ୍ଦ୍ରିକ ଶାସନ ମଡେଲ ଆଡକୁ ଓଡ଼ିଶାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରତିନିଧିତ୍ୱ କରେ। ଏହି କର୍ମଶାଳା ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଜାତୀୟ ସୂଚନା ଓ ପ୍ରଯୁକ୍ତି ବିଭାଗ ମିଳିତ ଆନୁକୂଲ୍ୟରେ ଏସ୍ଆଇଆରଡି, ଭୁବନେଶ୍ୱର ଠାରେ ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ କମିଶନର ତଥା ଶାସନ ସଚିବ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଶ୍ରୀଆର୍ ଏସ୍ ଗୋପାଳନ ମୁଖ୍ୟ ଅତିଥି, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସି.ଏମ୍.ଜି.ଆଇ ଡ.ସତ୍ୟପ୍ରିୟ ରଥ ଏବଂ ଡେପୁଟି ଡାଇରେକ୍ଟର ଜେନେରାଲ ଏନ୍ଆଇସି ଡ.ଅଶୋକ କୁମାର ହୋତା ଉପସ୍ଥିତ ଥିଲେ। ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତିପ୍ରକାଶ ବେହେରା, ବିଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ଦାସ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ଉପସ୍ଥିତ ରହି ରଚନା ଶ୍ରୀବାସ୍ତବ ଡେପୁଟି ଡାଇରେକ୍ଟର ଜେନେରାଲ, ଏନ୍ଆଇସି ନୂଆଦିଲ୍ଲୀଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ।

ସକାଳ
THE SAKALA
Angul - 18 Sep 2023 - Page 11

ସୋମବାର
୧୮ ସେପ୍ଟେମ୍ବର ୨୦୨୩ | ୧୧

# ଇ-ଅଫିସ କାର୍ଯ୍ୟାନ୍ୱୟନରେ ନାଁ ରଖିଲା ଜଗତସିଂହପୁର

## ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଇ-ଅଫିସ କର୍ମଶାଳାରେ ସମ୍ମାନିତ

ଜଗତସିଂହପୁର,୧୭।୯ (ସମିସ)

ଇ-ଅଫିସ କାର୍ଯ୍ୟାନ୍ୱୟନରେ ଜଗତସିଂହପୁର ଜିଲ୍ଲା ନାଁ ରଖିଛି। ଭୁବନେଶ୍ୱରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ଇ-ଅଫିସ କର୍ମଶାଳାରେ ଇ-ଅଫିସ ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଜଗତସିଂହପୁର ଜିଲ୍ଲାକୁ ସମ୍ମାନିତ କରାଯାଇଛି। ଏହି କର୍ମଶାଳାରେ କମିଶନର ତଥା ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଶାସନ ସଚିବ ଆର୍.ଏସ୍ ଗୋପାଳନ ମୁଖ୍ୟ ଅତିଥି, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସିଏମଜିଆଇ ଡ ସତ୍ୟପ୍ରିୟ ରଥ ଏବଂ ଡେପୁଟି ଡାଇରେକ୍ଟର ଜେନେରାଲ ଏନ୍ଆଇସି ଡ ଅଶୋକ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଜଗତସିଂହପୁର



ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତିପ୍ରକାଶ ବେହେରା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ଦାସ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ଉପସ୍ଥିତ ରହି ରଚନା ଶ୍ରୀବାସ୍ତବ, ଡେପୁଟି ଡାଇରେକ୍ଟର ଜେନେରାଲ, ଏନ୍ଆଇସି, ନୂଆଦିଲ୍ଲୀଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ପରିବର୍ତ୍ତନକାରୀ ପଦକ୍ଷେପ ଦ୍ୱାରା ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ନାଗରିକ କୈନ୍ଦ୍ରିକ ସେବା ସମ୍ପ୍ରସାରିତ ହୋଇପାରିଛି ବୋଲି କୁହାଯାଉଛି। ସରକାରୀ କାର୍ଯ୍ୟକଳାପକୁ ଆଧୁନିକୀକରଣ କରିବା ଏବଂ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ଜଗତସିଂହପୁର ଜିଲ୍ଲାକୁ ଏହି ସ୍ୱୀକୃତି ମିଳିଛି। ଇ-ଅଫିସ୍ ଢାଞ୍ଚାକୁ ଗ୍ରହଣ କରି ଜିଲ୍ଲା ପ୍ରଶାସନିକ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିଛି। ଭାରତ ସରକାରଙ୍କ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନଆଇସି), ସେଣ୍ଟର ଫର ମଡର୍ନାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ (ସିଏମଜିଆଇ) ଏବଂ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏ ଆଣ୍ଡ ପିଜି) ବିଭାଗ ପକ୍ଷରୁ ମିଳିତ ଭାବେ ଏହି କର୍ମଶାଳା ଆୟୋଜିତ ହୋଇଥିଲା।

SAMBAD
ସମ୍ବାଦ

ସମ୍ବାଦ

# ଇ-ଅଫିସ୍ କାର୍ଯ୍ୟାନ୍ୱୟନ ପାଇଁ ଜଗତସିଂହପୁର ସମ୍ମାନିତ

ଜଗତସିଂହପୁର ସଦର,୧୬।୯(ଇମିସ): ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି), ଭାରତ ସରକାର ଏବଂ ସେଣ୍ଟର ଫର୍ ମର୍ଡନାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ (ସିଏମ୍‌ଜିଆଇ), ଜିଏ ଆଣ୍ଡ ପିଜି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଇ-ଅଫିସ୍ କର୍ମଶାଳାରେ ଜଗତସିଂହପୁର ଜିଲ୍ଲାକୁ ସମ୍ମାନିତ କରାଯାଇଛି। ଏସ୍‌ଆଆର୍‌ଡି, ଭୁବନେଶ୍ୱରଠାରେ ଆୟୋଜିତ କର୍ମଶାଳାରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତିପ୍ରକାଶ ବେହେରା, ଶ୍ରମ ଆୟୁକ୍ତ ବାବା ଆନନ୍ଦ ଦାସ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ଡାଇରେକ୍ଟର ଜେନେରାଲ ଏନ୍.ଆଇ.ସି ରଚନା ଶ୍ରୀବାସ୍ତବଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରାଯାଇଥିଲା।



ଓଡ଼ିଆର ସମ୍ମାନ
ODIYARA SANMANA

# ନିରବଚ୍ଛିନ୍ନ ଇ-ଅଫିସ କାର୍ଯ୍ୟାନ୍ୱୟନ ପାଇଁ ଜଗତସିଂହପୁର ଜିଲ୍ଲା ସମ୍ମାନିତ



# Jagatsinghpur Awarded for Success in E-office




**Jagatsinghpur:** Jagatsinghpur district awarded for exemplary success in E- office system in Odisha. The special programme arranged jointly by National Informative Centre( NIC) New Delhi and Centre for Modernising Government, GA & PG department on E- Office work shop.

Commissioner cum Administrative secretary Labour and Employees insurance SR Gopalan, Executive Director CSGI Satya prakash Rath, Deputy Director General NIC Ashok Kumar Hota address the gathering. Deputy Director General NIC, New Delhi Smt. Rachana Srivastav presented the award to Jagatsinghpur dist. Dist. Nic Officer Jyoti Prakash Behera, DLC, Jagatsinghpur Baba Ananda Das and Executive Officer Jagatsinghpur Municipality Dr. Ashok Kumar Karna received the award.